# ଫୁଲ

ଫୁଲକୁ ଭେଟିଲି
ପ୍ରଥମଥର
କହିଲା
ଯାହା ଶିଖିଛି
ସବୁ ଭୁଲ
ଆଦ୍ୟରୁ ପ୍ରାନ୍ତ ।।୧

ବାପାଂକ
ହାତ ଚାପୁଡା
ପିଲାଂକ ଅପମାନ
ବୁଢୀମା’ କାହାଣୀ
ଅତିରଂଜିତ
ଗାଁ'ର ଖଟି
ସମୟଜ୍ଞାନ ହୀନ
ଭୁଲ ମୋ ଶିକ୍ଷା
ଦୀକ୍ଷା ।।୨

ଫୁଲ ଶୁଣେଇଲା
ଦେଖ ଏ ଦେଶ
ମଣିଷ, ଚଢେଇ
ଆକାଶ, ମାଟି
ପାଣି, ପବନ
ସବୁତ ସମାନ
ଫାଟ କିପରି ? ।।୩

ଇଛାର ମଣିଷ
ଏ ଦେଶେ
ମୋ ଭୂଇଁରେ
ସୁର ଜାଣି

ମଣିଷ ମିଶେ
ପ୍ରେମ ମୋର
ଲୁଚାଛପା
ବାଡିପଟେ
ଭୁଲ ମୋ ପ୍ରୀତି
ଅନୁଭୂତି ॥୪

ଫୁଲ ବଖାଣିଲା
ମୋ' ଦେଶର
ସବୁ ସ୍ୱପ୍ନ
ଏ ଦେଶର
ସବୁ ସାକାର
କଂଟା ଦେଖି
ଏ ଲୋକ
ଗଢିଲେ ପାଦ
ଠାଣି ନ ଜାଣି
ବସିଲି ମୁଁ ମିତ
ଭୁଲ ମୋ ଗୀତ
ଜନମ ସଙ୍ଗୀତ ॥୫

ଆଜିକାଲି ଏଥର
ଫୁଲକୁ ଭେଟୁଛି
ଅନେକ ଥର
ସଦାବେଳେ
ପ୍ରଶ୍ନ ତା'ର
ଭୁଲ ମୋର
ଭୁଲ ମୋର ।।।୬

ଦିଗମ୍ବର ପାତ୍ର